# ପ୍ରେମ ବାହିନୀ



ଭଗବାନ ଶ୍ରୀ ସତ୍ୟସାଇ ବାବା

Scanned by TapScanner

## ସଦ୍‌ଗୁଣ ହିଁ ଜ୍ଞାନ

'ଜ୍ଞାନ'ର ଅର୍ଥ ବୋଧଶକ୍ତି, ମାତ୍ର ବୋଧଶକ୍ତି ବୁଦ୍ଧିର କସରତ ନୁହେଁ । ଜିଭ ଅଗରେ ଗୁଣ୍ଡାଏ ଭାତ ରଖିଦେଲେ ତାକୁ ଖାଇବା ବୋଲି କୁହାଯିବ ନାହିଁ । ଖାଦ୍ୟକୁ ଚୋବାଇ ତାକୁ ଗିଳିବାକୁ ହେବ । ଏଇ ଖାଦ୍ୟ ହଜମ ହୋଇ ରକ୍ତରେ ମିଶି କ୍ରମଶଃ ଶରୀରର ମାଂସପେଶୀ, ହାଡ଼, ଶକ୍ତି ଓ ସାହସ ଆଦିରେ ପରିଣତ ହେଲେ ଯାଇ ଖାଇବା ସାର୍ଥକ ହେବ । ସେହିପରି ଜ୍ଞାନ ବା ବୋଧଶକ୍ତି ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଭିତରେ ପରିବ୍ୟାପ୍ତ ହୋଇ ସମସ୍ତ ଜୀବନକୁ ଶକ୍ତିମାନ୍ କରିବା ଦରକାର । ଏହା ସକଳ କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ ମଧ୍ୟରେ ପ୍ରକାଶିତ ହେବା ଉଚିତ । ମଣିଷକୁ ଏଇ ଉନ୍ନତ ସୋପାନରେ ପହଞ୍ଚିବାକୁ ପଡ଼ିବ । କେବଳ ଗୁଡ଼ିଏ ବିଦ୍ୟା ଠୁଳ କଲେ ତାହା ଜ୍ଞାନ ହୋଇପାରେ ନାହିଁ, ଏକମାତ୍ର ସଦ୍‌ଗୁଣ ହିଁ ପ୍ରକୃତ ଜ୍ଞାନ ।

ସେବା କରିବାକୁ ସକ୍ଷମ ହେବା ନିମନ୍ତେ ମଣିଷକୁ କିଛି ଭୋଗ ଗ୍ରହଣ କରିବାକୁ ପଡ଼ିବ । ଏହି ଭୋଗ ଯଜ୍ଞର ଏକ ଅଂଶ । ଦେହଯନ୍ତ୍ରକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଅନ୍ନରୂପକ ଜାଳେଣୀ ଦରକାର । ଅନ୍ନ ଯଜ୍ଞ ନୁହେଁ, ଅନ୍ନ ଯଜ୍ଞକ୍ରିୟାରେ ସହାୟକ ।

Scanned by TapScanner

ତୁମେ ଯେଉଁସବୁ କର୍ମ କରୁଛ, ସେଥିରେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ପ୍ରୟୋଗ କର, ବଚନ ଓ ଆଚରଣରେ ସତ୍ୟସନ୍ଧ ହୁଅ । ପ୍ରଥମେ ପ୍ରଥମେ ତୁମେ ହୁଏତ ଏଥିରେ ଅକୃତକାର୍ଯ୍ୟ ହୋଇପାର ବା ସତ୍ୟାଚରଣରେ ତୁମକୁ ଦୁଃଖ କଷ୍ଟ ଭୋଗିବାକୁ ପଡ଼ିପାରେ, ମାତ୍ର ଶେଷରେ ତୁମେ ଅବଶ୍ୟ ବିଜୟୀ ହେବ ଏବଂ ଦିବ୍ୟ ପ୍ରଶାନ୍ତିର ଅଧିକାରୀ ହେବ । ଶାସ୍ତ୍ର କହେ, ''ସତ୍ୟମେବ ଜୟତେ ନାନୃତମ୍'' । ଆଚରଣ ଓ ଚରିତ୍ର ବଳରେ ହିଁ ତୁମେ ସତ୍ୟପ୍ରାପ୍ତ ଓ ବ୍ରହ୍ମପ୍ରାପ୍ତ ହେବ ।

Scanned by TapScanner